# ମାନବ ଅଧିକାର ସୁରକ୍ଷା ମଞ୍ଚର ଆରଡିସିଙ୍କୁ ସ୍ମାରକପତ୍ର

## ଅତ୍ୟାବଶ୍ୟକ ଔଷଧର ବର୍ଦ୍ଧିତ ଦର ପ୍ରତ୍ୟାହାର ଦାବି

ବ୍ରହ୍ମପୁର ଅଫିସ୍,୩।୪

ବ୍ରହ୍ମପୁରରେ ମାନବ ଅଧିକାର ସୁରକ୍ଷା ମଞ୍ଚ ପକ୍ଷରୁ ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନର(ଆରଡିସି)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଅତ୍ୟାବଶ୍ୟକ ଔଷଧର ବର୍ଦ୍ଧିତ ଦର ନେଇ ବିକ୍ଷୋଭ କରାଯାଇଥିଲା। ଏଥିସହ ବ୍ରହ୍ମପୁର ବଡ଼ ଡାକ୍ତରଖାନାର ବିଭିନ୍ନ ସମସ୍ୟା ସମାଧାନ ପାଇଁ ମଧ ଦାବି ହୋଇଛି। ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ଏବଂ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆରଡିସିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।

ମଞ୍ଚ ପକ୍ଷରୁ କୁହାଯାଇଛି, ପେଟ୍ରୋଲ, ଡିଜେଲ, ରନ୍ଧନ ଗ୍ୟାସ୍ ତଥା ସମସ୍ତ ନିତ୍ୟ ବ୍ୟବହାର୍ଯ୍ୟ ଜିନିଷର ଦରଦାମ୍ କର୍ପୋରେଟ୍ କମ୍ପାନୀର ମୁନାଫାଖୋରଙ୍କ ପାଇଁ ବୃଦ୍ଧି କରାଯାଉଥିବା ବେଳେ ଅତ୍ୟାବଶ୍ୟକ ଔଷଧ ମଧ ଏଥିରୁ ବାଦ୍ ପଡ଼ିନାହିଁ। ଡାଇବେଟିସ୍, ଆଣ୍ଟିବାୟୋଟିକ୍, ଅଣସଂକ୍ରମଣ, କ୍ୟାନ୍ସର ଓ ଶ୍ୱାସଜନିତ ଔଷଧ ଓ




ଆର୍‌ଡିସିଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ।

ମେଡିକାଲ ଡିଭାଇସ୍ ଭଳି ପ୍ରାୟ ୮୦୦ ପ୍ରକାର ଔଷଧକୁ ୧୨.୧୨% ଦରବୃଦ୍ଧି କରାଯିବାକୁ ଜାତୀୟ ଫାର୍ମା ମୂଲ୍ୟ କର୍ତ୍ତୃପକ୍ଷ ନିଷ୍ପତ୍ତି ନେଇଛନ୍ତି। ସଭିଙ୍କୁ ମାଗଣା ଔଷଧ ଓ ଚିକିତ୍ସା ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ବଜେଟରେ ଜିଡିପିର ୬% ବୃଦ୍ଧି କରିବା ପାଇଁ ଦାବି ହେଉଥିବା ବେଳେ କେନ୍ଦ୍ର ସରକାର ଅନ୍ୟାୟ ଭାବେ ଅତ୍ୟାବଶ୍ୟକ ଔଷଧର ଦରଦାମ୍ ୧୨.୧୨% ବୃଦ୍ଧି କରିଥିବା ସଂଘ ଅଭିଯୋଗ କରିଛି। ଏଣୁ ଜରୁରୀ ଆବଶ୍ୟକ ଚିକିତ୍ସା ଖର୍ଚ୍ଚକୁ ଯଥେଷ୍ଟ ମାତ୍ରାରେ କୋହଳ କରିବା ସହ ଅତ୍ୟାବଶ୍ୟକ ଔଷଧର ଦର ଯଥେଷ୍ଟ ମାତ୍ରାରେ ହ୍ରାସକରି ବର୍ଦ୍ଧିତ ଦରକୁ ପ୍ରତ୍ୟାହାର ପାଇଁ ମଞ୍ଚ ଦାବି କରିଛି। ଏଥିସହ ବ୍ରହ୍ମପୁର ବଡ଼ ଡାକ୍ତରଖାନା (ଏମ୍‌କେସିଜି)ରେ ବର୍ନ କେୟାର ୟୁନିଟ୍ ସ୍ଥାପନ, ପ୍ରତି ବିଭାଗରେ ବରିଷ୍ଠ ଡାକ୍ତର ନିୟୋଜିତ, ଖାଲି ପଡ଼ିଥିବା ସମସ୍ତ ଡାକ୍ତର ପଦବୀ ପୂରଣ, ରୋଗୀଦେଖା ସମୟରେ ଅନୁପସ୍ଥିତ ରହୁଥିବା ବରିଷ୍ଠ ଡାକ୍ତରଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ, ନ୍ୟୁରୋଲୋଜି ଓ ନେଫ୍ରୋଲୋଜି ବିଭାଗରେ ଇନ୍‌ଡୋର ବିଭାଗ ଖୋଲିବା ଓ ପାର୍କିଂ ଫି ଆଦାୟ ବନ୍ଦ କରିବା ପାଇଁ ଦାବି ହୋଇଛି। ଦାବିପତ୍ର ପ୍ରଦାନ ସମୟରେ ମଞ୍ଚ ଆବାହକ ଅବନୀ ଗୟାଙ୍କ ସମେତ ରବି ରଥ, ବଂଶୀଧର ଭୂୟାଁ, ମାଗୁଣି ନାହାକ, ଶ୍ୟାମସୁନ୍ଦର ଖାଡ଼ଙ୍ଗା ଓ ମଞ୍ଚର ବହୁ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ପୋଖରୀରେ ପାଣି ନାହିଁ, ଲୋକେ ହଟହଟା

ରମ୍ଭା,୩।୪

ରାଜ୍ୟ ସରକାର ଲୋକମାନଙ୍କ ସୁବିଧା ପାଇଁ ରାସ୍ତାଘାଟ, ପାନୀୟ ଜଳ, ଶ୍ମଶାନ ଭଳିବିଭିନ୍ନ ବ୍ୟବସ୍ଥା କରିଥିବା ବେଳେ ଏବେ ବି ଅନେକ ସ୍ଥାନରେ ସମସ୍ୟା ଲାଗିରହିଛି। ପୋଖରୀରେ ପାଣି ନଥିବାରୁ ଲୋକମାନଙ୍କ ଜୀବ ଜନ୍ତୁ ଦୁର୍ଦ୍ଦଶା ଭୋଗୁଛନ୍ତି। ଏହା ଦେଖିବାକୁ ମିଳିଛି ରମ୍ଭା ଗ୍ରାମ ମିଞ୍ଜିନି ପାଟଣାଠାରେ। ଏଠାରେ ଥିବା ପୋଖରୀର ଦୁଇ ପଟେ ୨ ଗୋଟି ନଳକୂପ ଅର୍ଦ୍ଧ ନିର୍ମିତ ହୋଇ ପଡ଼ିରହିଛି। ଅନେକ ଗ୍ରାମ ଏହି ପୋଖରୀ ଉପରେ ନିର୍ଭର କରୁଛି। ହେଲେ ପୋଖରୀରେ ପାଣି ନଥିବାରୁ ଚରିବାକୁ ଆସୁଥିବା ଗାଈ, ଗୋରୁ ଛେଳି, ମେଣ୍ଢା, ମଇଁଷି, ପଶୁ ପକ୍ଷୀ, ଦିନ ମଜୁରିଆ, ଶ୍ରମିକ ପାଣି ଟୋପାଏ ପାଇଁ ଡହଳ ବିକଳ ହେଉଛନ୍ତି। ଏସବୁ ସମସ୍ୟା ନେଇ ଏକ ସ୍ମାରକ ପତ୍ର ଗ୍ରାମ୍ୟ କମିଟି ସଭାପତି ଆର. ସୋମନାଥ ରେଡ୍ଡୀ, ଶ୍ରମିକ ନେତା ଜେ. ଭାସ୍କର ପାତ୍ର, ଯାଦବ ଯୁବ ଗଞ୍ଜାମ ଜିଲା ସମ୍ପାଦକ ସି. ଲକ୍ଷ୍ମଣ ପାତ୍ର, ଅବସରପ୍ରାପ୍ତ ସୈନିକ ଗୋବିନ୍ଦ ପାତ୍ର, ପୂର୍ବତନ ସଭାପତି ତାରିଣୀ ପାତ୍ର ପ୍ରମୁଖ ଗଞ୍ଜାମ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ଗଞ୍ଜାମ ବ୍ଲକ ଅଧକ୍ଷା ଦ୍ୱୟଙ୍କୁ ସ୍ମାରକ ପତ୍ର ପ୍ରଦାନ କରିବା ସହ ସମସ୍ୟାର ତୁରନ୍ତ ସମାଧାନ ନିମନ୍ତେ ନିବେଦନ କରିଥିଲେ।

## ସଂକ୍ଷେପରେ

### ପୋଖରୀରେ ବୁଡ଼ି ଶିଶୁକନ୍ୟା ମୃତ

ତେନ୍ତୁଲିଖୁଣ୍ଟି,୩।୪(ଡି.ଏନ୍.ଏ.)- ତେନ୍ତୁଲିଖୁଣ୍ଟି ବ୍ଲକ କାମତା ପଞ୍ଚାୟତ ପରଜା କାମତା ଗାଁରେ ପୋଖରୀରେ ବୁଡ଼ି ଜଣେ ଶିଶୁ କନ୍ୟାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ଗୀତାଞ୍ଜଳି ଜାନୀ (୭)। ଗାଁର ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ଅସାବଧାନତା ଯୋଗୁ ପଙ୍କରେ ଗୋଡ଼ ପଶିଯାଇଥିଲା। ଚେଷ୍ଟା କରିଥିଲେ ମଧ ଆଉ ବାହାରି ପାରି ନ ଥିଲେ। ଖବର ପାଇ ଗ୍ରାମବାସୀ ତାଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ପାତପୁଟ ମେଡିକାଲରେ ଭର୍ତ୍ତି କରିଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ମାମଲା(ନଂ .୪/୨୦୨୩) ରୁଜୁ କରିଛି।

### ଦିଗମ୍ବର ଜୈନ ସମାଜର ଶୋଭାଯାତ୍ରା



ନବରଙ୍ଗପୁର,୩।୪(ବି.ପ୍ର.)- ନବରଙ୍ଗପୁର ଜୈନ ସମାଜ ପକ୍ଷରୁ ସୋମବାର ମହାବୀର ସ୍ୱାମୀଙ୍କ ୨୬୨୨ ତମ ଜନ୍ମମହୋତ୍ସବ ଅବସରରେ ଏକ ବିଶାଳ ଶୋଭାଯାତ୍ରା ବାହାରି ସହର ପରିକ୍ରମା କରାଯାଇଛି। ପୂର୍ବାହ୍ନ ୯ଟାରେ ଦିଗମ୍ବର ଜୈନ ମନ୍ଦିର ପ୍ରାଙ୍ଗଣରୁ ଶୋଭାଯାତ୍ରା ବାହାରି ଗାନ୍ଧୀ ଛକ, ମୌଲାନ ଆଜାଦ ମାର୍ଗ, ପୁରୁଣା କୃଷକ ବଜାର ଦେଇ ଜଗନ୍ନାଥ ମନ୍ଦିର ଦେଇ ଦିଗମ୍ବର ମନ୍ଦିରରେ ପହଞ୍ଚିଥିଲା। ଜୈନ ସମ୍ପ୍ରଦାୟର ଯୁବତୀଯୁବକମାନେ ବହୁସଂଖ୍ୟାରେ ଶୋଭାଯାତ୍ରାରେ ଭାଗନେଇଥିଲେ। ପୂର୍ଣ୍ଣ ଉତ୍ସାହର ସହିତ ଭକ୍ତି ଗୀତରେ ନୃତ୍ୟ କରି ମହାବୀରଙ୍କ ଜପ କରି ଏହି ଶୋଭାଯାତ୍ରାର ଗୌରବ ବଢାଇ ଥିଲେ। ମହାବୀରଙ୍କର ପ୍ରତିମୂର୍ତ୍ତି ଏକ ବିମାନ ରେ ବସି ଶୋଭାଯାତ୍ରାରେ ପରିକ୍ରମା କରିଥିଲେ। ଶୋଭାଯାତ୍ରା ଦିଗମ୍ବର ମନ୍ଦିରରେ ପହଞ୍ଚିବାପରେ ବିଭିନ୍ନ କାର୍ଯ୍ୟକ୍ରମ କରାଯାଇଛି। ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ କରାଯାଇଛି। ଶୋଭାଯାତ୍ରା ପରେ ସାମାଜିକ ମିଳନ କାର୍ଯ୍ୟକ୍ରମ କରାଯାଇଥିଲା। ଦିଗମ୍ବର ଜୈନ ମନ୍ଦିରରେ ଆୟୋଜିତ ମହାବୀର ଜୟନ୍ତୀ ଉତ୍ସବରେ ସମାଜର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।

### ବିଷ ଖାଇ ବୃଦ୍ଧଙ୍କ ଆତ୍ମହତ୍ୟା

ଡାବୁଗାଁ,୩।୪( ଡି.ଏନ୍.ଏ.)-ନବରଙ୍ଗପୁର ଜିଲା ଡାବୁଗାଁ ଥାନା ଅଧୀନ ଧନସରା ଗ୍ରାମରେ ବିଷ ଖାଇ ବୃଦ୍ଧଙ୍କ ଆତ୍ମହତ୍ୟା ହୋଇଥିବା ସୋମବାର ଥାନାରେ ଅଭିଯୋଗ ହୋଇଛି। ସେ ହେଉଛନ୍ତି ଜଗନ୍ନାଥ ଶବର (୭୦)। ଏଏସ୍‌ଆଇ ପୁଷ୍ପଲତା ସୁନାନୀ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ପଞ୍ଚନାମା କରିଥିଲେ। ପରେ ମୃତ ଦେହ ବ୍ୟବଚ୍ଛେଦ କରି ପରିବାର ଲୋକଙ୍କୁ ହସ୍ତାନ୍ତର କରିଛନ୍ତି। ରବିବାର ରାତିରେ ଜଗନ୍ନାଥ ଖାଇସାରି ଶୋଇଥିଲେ। ହେଲେ ରାତି ପ୍ରାୟ ୧୨ଟାରେ ସେ ଅସ୍ତବ୍ୟସ୍ତ ହୋଇ ବାନ୍ତି କରିଥିଲେ। ପରିବାର ଲୋକେ ଶବ୍ଦ ଶୁଣି ଉଠି ଦେଖିଲେ ସେ ଅସ୍ତବ୍ୟସ୍ତ ହୋଇ ବାନ୍ତି କରୁଛନ୍ତି। ତାଙ୍କୁ ସଙ୍ଗେ ସଙ୍ଗେ ଆମ୍ବୁଲାନ୍ସ ଯୋଗେ ଡାବୁଗାଁ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ। ଏ ନେଇ ମୃତ ଜଗନ୍ନାଥଙ୍କ ପୁଅ ରାମନାଥ ଡାବୁଗାଁ ଥାନାରେ ଏତଲା ଦେଇଛନ୍ତି। ପୋଲିସ (ନଂ ୧୫/୨୩) ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

# ଜିଲା ଭାରତ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପ ଅନନ୍ୟା ଉଦ୍‌ଯାପିତ

ବ୍ରହ୍ମପୁର ଅଫିସ,୩।୪

ଗାନ୍ଧୀ ସାଇନ୍ସ ହାୟର ସେକେଣ୍ଡାରୀ ସ୍କୁଲ ଏବଂ ଗାନ୍ଧୀ ସ୍କୁଲ ଅଫ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ପରିସରରେ ଗଞ୍ଜାମ ଜିଲା ଭାରତ ସ୍କାଉଟ୍ ଓ ଗାଇଡ୍ କ୍ୟାମ୍ପ ଅନନ୍ୟା ସୋମବାର ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଭାରତ ସ୍କାଉଟ୍ ଓ ଗାଇଡ୍‌ର ଜାତୀୟ ଉପସଭାପତି ଡ. କାଳୀ ପ୍ରସାଦ ମିଶ୍ର ଯୋଗ ଦେଇଥିଲେ। ଉଦ୍‌ଯାପନୀ ଦିବସରେ ୪୨୩ ସ୍କାଉଟ୍, ୩୨୮ ଗାଇଡ୍, ୨୭ ସ୍କାଉଟ୍ ଓ ଗାଇଡ୍ ଶିକ୍ଷକ ଏବଂ ୮୭ ସହଯୋଗୀ କର୍ମଚାରୀଙ୍କୁ ପୁରସ୍କୃତ କରାଯାଇଥିଲା। ମୁଖ୍ୟ ବକ୍ତା ଭାବେ ଭାରତ ଓ ସ୍କାଉଟ୍ ଗାଇଡ୍‌ର ରାଜ୍ୟ ସମ୍ପାଦକ ଶରତ ଚନ୍ଦ୍ର ପାଇକରାୟ ଯୋଗଦେଇ ଛାତ୍ରୀଛାତ୍ରଙ୍କୁ ଜାତୀୟ ସୁରକ୍ଷା, ସମାଜସେବା ଓ ଭାରତୀୟ ସଂସ୍କୃତିକୁ ବଜାୟ ରଖିବା ପାଇଁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଓଆରଏଚଡିସି ଅଧ୍ୟକ୍ଷ ଡି. ବିଶ୍ୱନାଥ, ଗାନ୍ଧୀ ଶିକ୍ଷାନୁଷ୍ଠାନ ପରିଚାଳନା ସଭାପତି ସଞ୍ଜୀବ କୁମାର ପୁରୋହିତ, ହିଞ୍ଜିଳିକାଟୁ ବ୍ଲକ ଶିକ୍ଷାଧିକାରୀ ଏସ୍. ଗିରିଧର, ରଙ୍ଗେଇଲୁଣ୍ଡା ବ୍ଲକ ଶିକ୍ଷାଧିକାରୀ ଶାନ୍ତିଲତା ମୁନୀ, ଗାନ୍ଧୀ ସ୍କୁଲ ଅଫ ଇଞ୍ଜିନିୟରିଂର ନିର୍ଦ୍ଦେଶକ ପ୍ରଫେସର ଡ. ତାରିଣୀ ଚରଣ ତ୍ରିପାଠୀ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଯାପନୀ ଦିବସରେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ପବିତ୍ର ମୋହନ ସାହୁ ସଭାପତିତ୍ୱ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାନୁଷ୍ଠାନର ଉପାଧ୍ୟକ୍ଷ ଇଂ. ବିଷ୍ଣୁ ପ୍ରସାଦ ପଣ୍ଡା, କ୍ରୀଡା ଅଧିକାରୀ ଶୁଭେନ୍ଦୁ କୁମାର ସାହୁ, ଗାନ୍ଧୀ କ୍ୟାମ୍ପସ ଅଧିକାରୀ ସୀମାଞ୍ଚଳ ମହାରଣା, ଦ୍ୱିତୀକୃଷ୍ଣ ଦାସ ଓ ଅନୀଲ କୁମାର ସାହୁ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

## ମୁନିଗୁଡ଼ା ମଣ୍ଡଳ ଭାଜପାର ଏଲ୍‌ଇଡି ଟିଭି ଉପହାର

ମୁନିଗୁଡ଼ା,୩।୪(ଡି.ଏନ୍.ଏ.)

ବିଷମକଟକ ଜେଲରେ ଥିବା ଅନ୍ତେବାସୀଙ୍କ ପାଇଁ ମୁନିଗୁଡ଼ା ମଣ୍ଡଳ ଭାଜପା ପକ୍ଷରୁ ସୋମବାର ଏକ ଏଲଇଡି ଟିଭି ଉପହାର ସ୍ୱରୂପ ପ୍ରଦାନ କରାଯାଇଛି। ରାଜ୍ୟ ଭାଜପା ଓବିସି ମୋର୍ଚ୍ଚା ଉପାଧ୍ୟକ୍ଷ ତଥା ପୂର୍ବତନ ଜିଲା ପରିଷଦ ସଦସ୍ୟ ରାମଚନ୍ଦ୍ର ବେହେରା ଜେଲର କିଶୋର କୁମାର ସିଂ ଓ ଫାର୍ମାସିଷ୍ଟ କାହ୍ନୁ ଚରଣ ମିଶ୍ରଙ୍କ ହାତରେ ଏହି ଏଲଇଡି ଟିଭି ପ୍ରଦାନ କରିଥିଲେ। ଅନ୍ତେବାସୀମାନଙ୍କ ମନୋରଞ୍ଜନ ପାଇଁ ତଥା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମନ୍‌କୀ ବାତ୍ ଶୁଣିବା ତଥା ଦେଶ ବିଦେଶ ଖବର ଜାଣିବା ପାଇଁ ଏହି ଉପହାର ଦିଆଯାଇଛି। ଭାରତରତ୍ନ ବାବା ସାହେବ ଆମ୍ବେଡ଼କର ସେବା ସପ୍ତାହ ପାଳନ ଅବସରରେ ଏହି ଉପହାର ଦିଆଯାଇଥିବା ବେହେରା କହିଛନ୍ତି।

## ମା’ ଚାମୁଣ୍ଡା ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ

# ପୁରୁଷୋତ୍ତମପୁର ଚାମ୍ପିୟନ




ପୁରସ୍କାର ବିତରଣ ଉତ୍ସବରେ ଉପସ୍ଥିତ ଅତିଥି।

ଗଞ୍ଜାମ,୩।୪(ଡି.ଏନ୍.ଏ.)

ଗଞ୍ଜାମ ବ୍ଲକ ମଲାଡ଼ ପଞ୍ଚାୟତ କୁଶପଲ୍ଲୀରେ ୧୦ଦିନ ଧରି ଚାଲିଥିବା ମା’ ଚାମୁଣ୍ଡା ହ୍ୟାଣ୍ଡବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ୍‌ରେ ସାତୁଲି ଟିମ୍ ସହ ପୁରୁଷୋତ୍ତମପୁର ଟିମ୍ ମଧ୍ୟରେ ମୁକାବିଲା ହୋଇଥିଲା। ଏଥିରେ ପୁରୁଷୋତ୍ତମପୁର ଟିମ୍ ତିନୋଟି ଯାକ ସେଟ୍ ଜିତି ଚାମ୍ପିୟନ ହୋଇଥିଲା। ପୁରସ୍କାର ବିତରଣ ଉତ୍ସବରେ ଛତ୍ରପୁର ବିଧାୟକ ସୁବାସ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ଓ ସାତୁଲି ଟିମ୍‌କୁ ରନର୍ସ ଅପ୍ ଟ୍ରଫି ପ୍ରଦାନ କରିଥିଲେ। ଗ୍ରାମ ଗ୍ରାମ ମଧ୍ୟରେ ସୁସମ୍ପର୍କ ଏବଂ ଭାଇଚାରା ସୃଷ୍ଟି କରିବା ପାଇଁ କ୍ରୀଡ଼ା ଟୁର୍ନାମେଣ୍ଟ ଏକ ମାଧ୍ୟମ ବୋଲି ବିଧାୟକ ବେହେରା କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମଲାଡ଼ ସରପଞ୍ଚ ମମତା ବେହେରା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ସୁରଥ ପାହନ, ବିଜେଡି ଜିଲା ଛାତ୍ର ଉପସଭାପତି ଲିଙ୍ଗରାଜ ମହାପାତ୍ର, ସମିତି ସଭ୍ୟ ପ୍ରତିନିଧି କୈଳାସ ସ୍ୱାଇଁ, ସରପଞ୍ଚ ପ୍ରତିନିଧି ସୁଦାମ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଖେମୁଣ୍ଡି ଓକିଲ ସଂଘ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ



ଓକିଲ ସଂଘ ସଭାପତିଙ୍କ ଶପଥ ପାଠ।

ଦିଗପହଣ୍ଡି,୩।୪(ଡି.ଏନ.ଏ.)

ଦିଗପହଣ୍ଡି ସ୍ଥିତ ଖେମୁଣ୍ଡି ଓକିଲ ସଂଘର ନବନିର୍ବାଚିତ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ନିର୍ବାଚନ ଅଧିକାରୀ ନୀଳମାଧବ ରଥଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବରିଷ୍ଠ ଆଇନଜୀବି ଚନ୍ଦ୍ରଧ୍ୱଜ ସିଂହ ସମସ୍ତ କର୍ମକର୍ତ୍ତାଙ୍କୁ ପଦ ଏବଂ ଗୋପନୀୟତାର ଶପଥ ପାଠ କରାଇଥିଲେ। ଏଥିରେ ନବନିର୍ବାଚିତ ସଭାପତି ଲକ୍ଷ୍ମୀ ନାରାୟଣ ପାଢ଼ୀ, ଉପସଭାପତି ଗିରିଜା ନନ୍ଦନ ମେକାପ, ସମ୍ପାଦକ କୁରେଶୁ ପଣ୍ଡା, ସହସମ୍ପାଦକ ରାଜେନ୍ଦ୍ର କୁମାର ତ୍ରିପାଠୀ, କୋଷାଧ୍ୟକ୍ଷ ସୀମାଞ୍ଚଳ ପ୍ରଧାନଙ୍କ ସମେତ ଆଇନଜୀବୀ ଏ.ସୋମେଶ୍ୱର ରାଓ, ପ୍ରହ୍ଲାଦ ପ୍ରଧାନ, ରସାନନ୍ଦ ରାଉତ, ପରେଶ ଚନ୍ଦ୍ର ରଥ, ରତ୍ନାକର ମେକାପ, ହରପ୍ରସାଦ ରଥ, ଅଶେଷ ନାଥ ମିଶ୍ର, ସନ୍ତୋଷ କୁମାର ସାହୁ, ମନୋରଞ୍ଜନ ପଣ୍ଡା, ବିଜୟ ପ୍ରଧାନ, ଶରତଚନ୍ଦ୍ର ମିଶ୍ର ପ୍ରମୁଖ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

# ୱାର୍ଡମେମ୍ବର ନିର୍ବାଚନ ପାଇଁ ନାମାଙ୍କନ ଦାଖଲ

ଗଞ୍ଜାମ,୩।୪(ଡି.ଏନ୍.ଏ.)

ଗଞ୍ଜାମ ବ୍ଲକରେ ୧୫ ପଞ୍ଚାୟତ ମଧ୍ୟରୁ ସୁବଳୟା, ମଲାଡ଼, ପାଲଙ୍ଗ, ସାନ ରାମଚନ୍ଦ୍ରପୁର ଓ ହୁମା ପଞ୍ଚାୟତର ବିଭିନ୍ନ ୱାର୍ଡରେ ୱାର୍ଡମେମ୍ବର ନିର୍ବାଚନ ହୋଇ ନ ଥିଲା। ଏହି ପଞ୍ଚାୟତର ବିଭିନ୍ନ ୱାର୍ଡ ସଭ୍ୟ ପାଇଁ ଏସ୍‌ଟି ନିମନ୍ତେ ସଂରକ୍ଷଣ ଥିବା ଯୋଗୁ କେହି ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲକରି ପାରି ନ ଥିଲେ। ଫଳରେ ସେହି ପଞ୍ଚାୟତଗୁଡ଼ିକରେ ନିର୍ବାଚନ ହୋଇ ନ ପାରି ୱାର୍ଡ ସଭ୍ୟ ପଦବୀଗୁଡ଼ିକ ଖାଲି ଥିଲା। ଏ ନେଇ ରାଜ୍ୟ ସରକାରଙ୍କ ପକ୍ଷରୁ ଉକ୍ତ ୱାର୍ଡରେ ମହିଳାଙ୍କ ଲାଗି ସଂରକ୍ଷଣ ଥିବା ବିଜ୍ଞପ୍ତି ପ୍ରକାଶ ପାଇବା ସହ ଆସନ୍ତା ମେ ମାସ ୨ରେ ନିର୍ବାଚନ ଘୋଷଣା ହେବା ପରେ ଜିଲା ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଏ ନେଇ ସୋମବାର ବିଡିଓ ଜସ୍ମିନ ପ୍ରଧାନ, ଗ୍ରାମପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ ଶ୍ରୀକାନ୍ତ କୁମାର ଗୌଡ଼ ଏବଂ ପୂର୍ବରୁ ନିର୍ବାଚନ ପରିଚାଳନା କରି ଆସୁଥିବା ଶିକ୍ଷକ ନିରଞ୍ଜନ ମହାପାତ୍ର ପ୍ରମୁଖଙ୍କ ଏକ ଆଲୋଚନା ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ମଙ୍ଗଳବାର ନାମାଙ୍କନପତ୍ର ଦାଖଲ କରିବେ ପ୍ରାର୍ଥୀ। ୫ ପଞ୍ଚାୟତରେ ୭ଟି ୱାର୍ଡ ପାଇଁ ନିର୍ବାଚନ ହେବ। ୪, ୫ ଓ ୬ ତାରିଖ ପର୍ଯ୍ୟନ୍ତ ୩ଦିନ ଯାଏ ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ବ୍ଲକ ସ୍ତରରେ ଚଳିତ ମାସ ୭ରେ ସ୍କ୍ରୁଟିନି ଏବଂ ୯ରେ ପ୍ରାର୍ଥୀପତ୍ର ପ୍ରତ୍ୟାହାର ପାଇଁ ସମୟ ଧାର୍ଯ୍ୟ କରାଯାଇଥିବା ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ମହାପାତ୍ର ସୂଚନା ଦେଇଛନ୍ତି। ସାନ ରାମଚନ୍ଦ୍ରପୁର ଏବଂ ହୁମା ପଞ୍ଚାୟତରେ ଏହି ୱାର୍ଡ ସଭ୍ୟ ନିର୍ବାଚନ କଡ଼ା ଟକ୍କର ହେବ ବୋଲି ରାଜନୈତିକ ସମୀକ୍ଷକ ପୂର୍ବାନୁମାନ କରିଛନ୍ତି। ଅନ୍ୟ ସବୁ ପଞ୍ଚାୟତର ୱାର୍ଡଗୁଡ଼ିକରେ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହେବେ ବୋଲି ଆଲୋଚନା ହେଉଛି।

# ଦିଗପହଣ୍ଡିରେ ପ୍ରକଳ୍ପସ୍ତରୀୟ ରାଷ୍ଟ୍ରୀୟ ପୋଷଣ ପକ୍ଷ ଉଦ୍‌ଯାପିତ

ଦିଗପହଣ୍ଡି,୩।୪(ଡି.ଏନ.ଏ.)

ଦିଗପହଣ୍ଡି ସ୍ଥିତ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସ୍ତରୀୟ ରାଷ୍ଟ୍ରୀୟ ପୋଷଣ ପକ୍ଷ ସୋମବାର ଉଦ୍‌ଯାପିତ ହୋଇଯାଇଛି। ସିଡିପିଓ ପୁଷ୍ପାଞ୍ଜଳି ଶତପଥୀଙ୍କ ଅଧ୍ୟକ୍ଷତା ଏବଂ ଅଙ୍ଗନୱାଡ଼ି ସୁପରଭାଇଜର ଭାଗ୍ୟଲତା ପାତ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଦିଗପହଣ୍ଡି ବ୍ଲକ ଅଧ୍ୟକ୍ଷା ସୁନିତା ସେଠୀ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ଆଇନଜୀବୀ ହରପ୍ରସାଦ ରଥ ଏବଂ ଅଙ୍ଗନୱାଡି ସୁପରଭାଇଜର ଶାନ୍ତିଲତା ଶତପଥି ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସୁସ୍ଥ ଭାରତ ଗଠନ ଦିଗରେ ସମସ୍ତଙ୍କୁ ପୋଷଣଯୁକ୍ତ ଶ୍ରୀଅନ୍ନର ଆବଶ୍ୟକତା ରହିଥିବା ବେଳେ ଏଥିପାଇଁ ସବୁ ସ୍ତରରେ ସମ୍ମିଳିତ ଉଦ୍ୟମ କରାଯିବା ଦରକାର ବୋଲି ଅତିଥି ବୃନ୍ଦ ପ୍ରକାଶ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତି ପ୍ରତିଯୋଗୀ, କିଶୋରୀ ବାଳିକା, ସୁସ୍ଥ ଶିଶୁଙ୍କ ମା’ ଏବଂ ଉଲ୍ଲେଖନୀୟ କାର୍ଯ୍ୟ ସମ୍ପାଦନ ପାଇଁ ଅଙ୍ଗନୱାଡି କର୍ମୀଙ୍କୁ ପୁରସ୍କୃତ କରାଯିବା ପରେ ଅତିଥି ବୃନ୍ଦ ପୋଷଣଯୁକ୍ତ ଖାଦ୍ୟସାମଗ୍ରୀ ପ୍ରଦର୍ଶନୀ ପରିଦର୍ଶନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସାଧନା ମହିଳା ସଂଘର ସଭାନେତ୍ରୀ ପି.ବିଜୟଲକ୍ଷ୍ମୀ, ଅଙ୍ଗନବାଡି କର୍ମୀ ଗାୟତ୍ରୀ ପାତ୍ର, ରଶ୍ମିତା ପାତ୍ର, ଅର୍ଚ୍ଚନା ପାଢୀ, ଭାରତୀ ପାଢ଼ୀ, ରୋଜି ପ୍ରଧାନ, ଅଳକା ମହାନ୍ତି, ଏନ୍. କସ୍ତୁରୀ, ଗୌରୀ ସେଠୀ, ସବିତା ବେହେରା, ଟିଙ୍କିନା ମେକାପ, ଝୁନୁ ସେଠୀ, ଅହଲ୍ୟା ପ୍ରଧାନ, ସୁନିତା ପାତ୍ର, ସରିତା ପ୍ରଧାନ, ବିଦେଶିନୀ ବିଷୋୟୀ, ସରିତା ପାତ୍ର ପ୍ରମୁଖ ସହଯୋଗ କରିଥିଲେ।




କିଶୋରୀ ବାଳିକା ମାନଙ୍କ ଗହଣରେ ଅତିଥିବୃନ୍ଦ।

# ୮୦ ବଦଳରେ ଆସିଲା ୪୦ ମାର୍କ ପ୍ରଶ୍ନପତ୍ର

## ଯୁକ୍ତ ୩ ବାଣିଜ୍ୟ ଛାତ୍ରୀଛାତ୍ର ଅଧ୍ୟକ୍ଷଙ୍କ ଦୃଷ୍ଟି ଆକର୍ଷଣ କଲେ

ଭଞ୍ଜନଗର, ୩।୪(ଡି.ଏନ.ଏ)

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ବର୍ତ୍ତମାନ ଯୁକ୍ତ ୩ ତୃତୀୟ ସେମିଷ୍ଟର୍ ପରୀକ୍ଷା ଚାଲିଛି। ସୋମବାର କଳା ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କ କମ୍ୟୁନିକେଟିଭ ଇଂଲିଶ ଥିଲା। ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ଇ କମର୍ସ ପରୀକ୍ଷା ଥିଲା। ତେଣୁ ସୋମବାର ଯୁକ୍ତ ୩ ଦ୍ୱିତୀୟ ବର୍ଷ କଳା, ବାଣିଜ୍ୟ ଏବଂ ବିଜ୍ଞାନ ଛାତ୍ରୀଛାତ୍ର ପରୀକ୍ଷା ଦେଉଥିଲେ। କଳା ଓ ବିଜ୍ଞାନ ଛାତ୍ରୀଛାତ୍ରଙ୍କ ନିର୍ଦ୍ଧାରିତ ୮୦ ମାର୍କର ପ୍ରଶ୍ନପତ୍ର ଆସିଥିଲା। କିନ୍ତୁ ବାଣିଜ୍ୟ ଛାତ୍ରୀଛାତ୍ରଙ୍କ ପାଇଁ ଉଦ୍ଦିଷ୍ଟ ପ୍ରଶ୍ନପତ୍ରଟି ୮୦ ମାର୍କ ବଦଳରେ ୪୦ ମାର୍କ ଆସିଥିଲା। ଯାହାକୁ ନେଇ ବାଣିଜ୍ୟ ଛାତ୍ରୀଛାତ୍ରମାନେ ଦ୍ୱନ୍ଦରେ ପଡିଯାଇଥିଲେ। ଏହିଭଳି ଭଞ୍ଜନଗର କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ମହାବିଦ୍ୟାଳୟ ବାଣିଜ୍ୟ ଛାତ୍ରୀଛାତ୍ରମାନେ ମଧ ଏ ନେଇ ଅସନ୍ତୋଷ ବ୍ୟକ୍ତ କରିଥିଲେ।


Total Pages—3 CSEC—01

3rd Semester Examination, 2022

Time : 2 hours

Full Marks : 40

Answer from both the Groups as per direction

The figures in the right-hand margin indicate marks

Candidates are required to answer in their own words as far as practicable

(E-COMMERCE)

GROUP – A

1. Fill in the blanks : 2×6
   (a) ERP stands for ——
   (b) RTGS stands for ——
   (c) The full form for UPI is ——

(Turn Over)

ବାଣିଜ୍ୟ ବିଭାଗରଇ କମର୍ସ ପ୍ରଶ୍ନପତ୍ର।

ଏହାପରେ ଅଧ୍ୟକ୍ଷ ରାଜେନ୍ଦ୍ର ଦାସଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଥିଲେ। ଦାସ ଏନେଇ ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଜଣାଇବି ବୋଲି ସେ ଛାତ୍ରୀଛାତ୍ରଙ୍କୁ ପ୍ରତିଶ୍ରୁତି ଦେଇଥିଲେ। ଅପରପକ୍ଷେ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ପକ୍ଷରୁ ଯୁକ୍ତ ୩ ବିଭିନ୍ନ ସେମିଷ୍ଟର ପରୀକ୍ଷା ଗୁଡିକ ବିଳମ୍ବରେ ହେଉଛି। ବର୍ତ୍ତମାନ ୪ର୍ଥ ସେମିଷ୍ଟାର୍ ପରୀକ୍ଷା ସମୟ ହୋଇଥିବା ବେଳେ ତୃତୀୟ ସେମିଷ୍ଟର ପରୀକ୍ଷା ଚାଲିଛି। ତେଣୁ ଚଳିତ ଶିକ୍ଷା ବର୍ଷରେ ଆଉ ୪ର୍ଥ ସେମିଷ୍ଟାର୍ ପରୀକ୍ଷା ହେବ ନାହିଁ। ସେହିଭଳି ବର୍ତ୍ତମାନ ଦ୍ୱିତୀୟ ସେମିଷ୍ଟର ପରୀକ୍ଷା ହେବା ସମୟ ହୋଇଥିବା ବେଳେ ପ୍ରଥମ ସେମିଷ୍ଟର ପରୀକ୍ଷା ଆସନ୍ତା ୧୭ ତାରିଖରୁ ଆରମ୍ଭ ହେବ। ପରୀକ୍ଷା ବିଳମ୍ବରେ ହେବା ଦ୍ୱାରା ପରୀକ୍ଷା ଫଳ ମଧ ସେହି ଅନୁପାତରେ ବିଳମ୍ବରେ ପ୍ରକାଶିତ ହେଉଛି। ଏହାଦ୍ୱାରା ଯେଉଁ ଛାତ୍ରୀ ଛାତ୍ରଙ୍କ ବ୍ୟାକ ପେପର ରହୁଛି ସେହିମାନେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଆସନ୍ତା ବର୍ଷ ନିର୍ବାଚନ ବର୍ଷ। ତେଣୁ ପ୍ରତ୍ୟେକ ପରୀକ୍ଷା ଗୁଡ଼ିକୁ ନିର୍ଦ୍ଧାରିତ ସମୟରେ କରିବା ପାଇଁ ଛାତ୍ରୀ ଛାତ୍ରମାନେ ନିବେଦନ କରିଛନ୍ତି।

**ସଂକ୍ଷେପରେ**

## ବୁଗୁଡ଼ା ଏନ୍ଏସିରେ ଯାଞ୍ଚ ହେଉନି ଖାଦ୍ୟର ମାନ

ବୁଗୁଡ଼ା,୩।୪(ଡି.ଏନ.ଏ.)-ଆରମ୍ଭ ହୋଇଗଲାଣି ଦଣ୍ଡଯାତ୍ରା ପର୍ବ। ଖୋଲାମେଲାରେ ପଡ଼ିଲାଣି ମାଳ ମାଳ ଖାଦ୍ୟ ସାମଗ୍ରୀର ପସରା। କେବଳ ଗ୍ରାମାଞ୍ଚଳରେ ନୁହେଁ, ବୁଗୁଡ଼ା ସହରରେ ମଧ ଠେଲା ଗାଡ଼ିଠାରୁ ଆରମ୍ଭକରି ଅନେକ ଦୋକାନରେ ଫାଷ୍ଟଫୁଡ୍ ଓ ଦୂଷିତ ଜଳ ବିକ୍ରି ହେଉଛି। ବିନା ଲାଇସେନ୍ସରେ ରାସ୍ତାକଡ଼ରେ ବିକ୍ରି ହେଉଥିଲେ ବି ଖାଦ୍ୟର ମାନ ଯାଞ୍ଚ ହେଉନାହିଁ। ଅସ୍ୱାସ୍ଥ୍ୟକର ପରିବେଶରେ ଏଗୁଡିକ ବିକ୍ରି ହେଉଥିବା ଦେଖିବାକୁ ମିଳୁଛି। ପରିବେଶକୁ ସ୍ୱଚ୍ଛ ରଖିବା ପାଇଁ ଅନେକ ଟଙ୍କା ଖର୍ଚ୍ଚ ହେଉଥିଲେ ବି ଏଠାକାର ଅସ୍ୱାସ୍ଥ୍ୟକର ପରିବେଶ ପ୍ରତି ସ୍ଥାନୀୟ ପ୍ରଶାସନ ଚୁପ୍ ରହୁଛି। ଦହିବରା, ଆଳୁଦମ୍, ଗୁପ୍‌ଚୁପ୍, ଚାଟ୍, ଦୋସା, ପକୁଡି ସମେତ ବିଭିନ୍ନ ରକମର ଫାଷ୍ଟଫୁଡ୍ ଖାଦ୍ୟକୁ ଘୋଡ଼ାଇ ରଖାଯାଉନାହିଁ। ରାସ୍ତାରେ ଉଡୁଥିବା ଧୂଳି ଏହା ଉପରେ ପଡୁଛି। ତେଣୁ ଖାଦ୍ୟ ବିଷାକ୍ତ ହୋଇପଡୁଛି। ଏହି ପଦାର୍ଥକୁ ଯାଞ୍ଚ କରିବା ପାଇଁ ବୁଗୁଡ଼ା ଏନ୍ଏସିରେ ଆବଶ୍ୟକ କର୍ମଚାରୀ ନ ଥିବାରୁ ଏମାନଙ୍କ କାରବାର ଏବେ ବ୍ୟାପକ ହୋଇଛି। ଆଗାମୀ ଦିନରେ ଏହା ଜଣ୍ଡିସ୍‌କୁ ଆମନ୍ତ୍ରଣ କରିବ ବୋଲି ସାଧାରଣରେ ଆଲୋଚନା ହେଉଛି। ଆଖପାଖ ଅଞ୍ଚଳରୁ ମଧ ଅନେକ ଲୋକ ବୁଗୁଡ଼ା ଏନ୍ଏସିକୁ ବେପାର କରିବା ପାଇଁ ଆସିଥାନ୍ତି। ଯାତ୍ରା ଦେଖା କଦଳୀ ବିକା ନ୍ୟାୟରେ ଏଠାକୁ ଆସୁଥିବା ଲୋକମାନେ ଏହି ଫାଷ୍ଟଫୁଡ୍‌କୁ ଆଦରି ନେଉଛନ୍ତି। ଖାଲି ସେତିକି ନୁହେଁ, ଖାଦ୍ୟ ପ୍ରସ୍ତୁତି ସମୟରେ ବ୍ୟବହାର କରାଯାଇଥିବା ବିଭିନ୍ନ କୃତ୍ରିମ ରଙ୍ଗ ସାଙ୍ଗକୁ ଚାଇନା ସଲ୍‌ଟ, ଭିନେଗାର, ସୋୟାସସ୍ ଭଳି ବହୁ ରକମର ରାସାୟନିକ ଦ୍ରବ୍ୟ ଭକ୍ଷଣ କରିବା ଫଳରେ ନାନା ରୋଗର କାରଣ ପାଲଟିଛି। ତେଣୁ ସ୍ଥାନୀୟ ପ୍ରଶାସନ ପକ୍ଷରୁ ନିୟମିତ ଯାଞ୍ଚ କରିବାକୁ ସାଧାରଣରେ ଦାବି ହେଉଛି।

## ହ୍ୱିଲ ଚେୟାର ଫେନ୍ସିଂ ସ୍ୱର୍ଣ୍ଣ ପଦକ ବିଜେତାଙ୍କୁ ସମ୍ବର୍ଦ୍ଧନା

ହିଞ୍ଜିଳିକାଟୁ,୩।୪(ଡି.ଏନ୍.ଏ)-ଗଞ୍ଜାମ ଜିଲା ହିଞ୍ଜିଳିକାଟୁ ବ୍ଲକ ନନ୍ଦିକ ପଞ୍ଚାୟତର ଜାତୀୟ ହ୍ୱିଲ ଚେୟାର ଫେନ୍ସିଂ ଖେଳାଳୀ ନିକୁ ପ୍ରଧାନଙ୍କୁ ହିଞ୍ଜିଳିକାଟୁ ପୌର ପରିଷଦ ଓ ବ୍ଲକ ପ୍ରଶାସନ ପକ୍ଷରୁ ସୋମବାର ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ହରିଆଣାର କର୍ଣ୍ଣାଲଠାରେ ଅନୁଷ୍ଠିତ ଜାତୀୟ ହ୍ୱିଲଚେୟାର ଫେନ୍ସିଂ ପ୍ରତିଯୋଗିତାରେ ନିକୁ ୨ଟି ସ୍ୱର୍ଣ୍ଣ ପଦକ ଜିଣି ରାଜ୍ୟ ପାଇଁ ଗୌରବ ଆଣିଥିଲେ। ସୋମବାର ହିଞ୍ଜିଳିକାଟୁ ବ୍ଲକ ଅଫିସରେ ବିଡିଓ ସୁବ୍ରତ କୁମାର ଜେନା, ନନ୍ଦିକ ସରପଞ୍ଚ କୃଷ୍ଣ ଚନ୍ଦ୍ର ଭଉଳ ପ୍ରମୁଖ ନିକୁଙ୍କ ଏହି କୃତିତ୍ୱ ପାଇଁ ସମ୍ବର୍ଦ୍ଧିତ କରିଥିଲେ। ନିକୁ ଚାକିରି କରୁଥିବା ହିଞ୍ଜିଳିକାଟୁ ମ୍ୟୁନିସିପାଲଟିରେ ମଧ ଏକ ସ୍ୱତନ୍ତ୍ର କାର୍ଯ୍ୟକମରେ ଅଧକ୍ଷ ସୁବାସ ଚନ୍ଦ୍ର ପଲେଇ ସମ୍ବର୍ଦ୍ଧିତ କରିଛନ୍ତି। ରବିବାର ନିକୁ ଭୁବନେଶ୍ୱରଠାରେ ୫-ଟି ସଚିବ ଭିକେ ପାଣ୍ଡିଆନଙ୍କୁ ଭେଟିଥିଲେ। ନିକୁଙ୍କ ଏହି ସଫଳତା ପାଇଁ ୫-ଟି ସଚିବ ଅଭିନନ୍ଦନ ଜଣାଇଛନ୍ତି।

# ଛେଳିଗଡ଼ ବିସ୍ଥାପିତଙ୍କୁ ଥଇଥାନ ଦାବି

**ଦଳିତଙ୍କୁ ଜୀବିକାରୁ ବେଦଖଲ କରା ନ ଯାଉ**




ଉପଜିଲାପାଳଙ୍କୁ ଦାବି ପତ୍ର ଦେବାକୁ ରାଲିରେ ଯାଉଛନ୍ତି ।

**ବ୍ରହ୍ମପୁର ଅଫିସ,୩।୪**

ଗଜପତି ଜିଲା ଛେଳିଗଡ ପ୍ରକଳ୍ପ ବିସ୍ଥାପିତଙ୍କୁ ଥଇଥାନ ପାଇଁ ଚାକୁଣ୍ଡାପଲୀ ଓ ବାଲିପାଟ ମୌଜାରେ ଚାଷ କରି ଜୀବିକା ନିର୍ବାହ କରୁଥିବା ଗରିବ, ଆଦିବାସୀ ଓ ଦଳିତଙ୍କୁ ସେମାନଙ୍କ ଜମି ଏବଂ ଜୀବିକାର ଦେଖଲ ନ କରିବା ପାଇଁ ଦାବି ହୋଇଛି। ଏ ନେଇ ସୋମବାର ଦିଗପହଣ୍ଡି ତହସିଲର ଉସ୍ତପଲୀ, ବିଷ୍ଣୁ ସାଗର, ଦେଉଳ ସାହି, ବାଲିପାଟ ଗ୍ରାମବାସୀ ଏବଂ ସାନଖେମୁଣ୍ଡି ତହସିଲ ଅନ୍ତର୍ଗତ ବ୍ରହ୍ମଣପଙ୍କ ଗ୍ରାମବାସୀ ବ୍ରହ୍ମପୁର ଉପଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମବାସୀଙ୍କ ପକ୍ଷରୁ କୁହାଯାଇଛି, ଛେଳିଗଡ ପ୍ରକଳ୍ପ ଦ୍ୱାରା ବିସ୍ଥାପିତ ହେବାକୁ ଥିବା ପରିବାରଗୁଡିକୁ ଥଇଥାନ କରିବା ପାଇଁ ଦିଗପହଣ୍ଡି ତହସିଲ ଅନ୍ତର୍ଗତ ବିଭିନ୍ନ ସ୍ଥାନରେ କଲୋନୀ କରିବାକୁ ଯୋଜନା ହୋଇଛି। ଏଥିପାଇଁ ଆବଶ୍ୟକ ପଡୁଥିବା ଜମି ପାଇଁ ଚାକୁଣ୍ଡାପଲୀ ମୌଜାରେ ୭୫ ଏକର ଓ ବାଲିପାଟ ମୌଜାର ୯୦ ଏକର ଜମି ଚିହ୍ନଟ କରାଯାଇଛି। ଚିହ୍ନଟ ଜମି ମଧରୁ ଉସ୍ତପଲୀର ୪୫ ଆଦିବାସୀ ପରିବାର, ବ୍ରାହ୍ମଣପଙ୍କର ୨୮ ଦଳିତ ପରିବାର ଓ ୧୦ ଆଦିବାସୀ ପରିବାର ଏବଂ ଦେଉଳସାହି ଓ ବିଷ୍ଣୁ ସାଗର ଗ୍ରାମର ୧୦ରୁ ଊର୍ଦ୍ଧ୍ୱ ଆଦିବାସୀ ପରିବାର ଚାଷ କରି ଜୀବିକା ନିର୍ବାହ କରୁଛନ୍ତି। ଅନ୍ୟପଟେ ସରକାରଙ୍କ ଦ୍ୱାରା ଜମିରୁ ବେଦଖଲ ହେବାକୁ ଯାଉଥିବା ଉପରୋକ୍ତ ପରିବାରର ଙ୍କ ନାରେ କୌଣସି ଚାଷ ଜମି ପଟ୍ଟା ନାହିଁ। ଦୀର୍ଘ ବର୍ଷ ଧରି ଗ୍ରାମବାସୀମାନେ ରହି ଆସୁଥିଲେ ବି ରାଜ୍ୟ ସରକାର ଜମି ପଟା ଦେବାକୁ ଇଚ୍ଛା କରୁ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଭଳି ସ୍ଥିତିରେ ଅନ୍ୟକୁ ଥଇଥାନ କରିବା ନାମରେ ସରକାର ଆଦିବାସୀ ଓ ଦଳିତ ଲୋକଙ୍କ ବଞ୍ଚିବା ମାଧ୍ୟମକୁ ବନ୍ଦ କରିବା ଆଦୌ ଗ୍ରହଣୀୟ ନୁହେଁ। ଏଣୁ ଜମିରୁ ବେଦଖଲ କରିବାକୁ ରାଜ୍ୟ ସରକାର ନିବୃତ୍ତ ରହିବା ସହ ଗ୍ରାମବାସୀ ଚାଷ କରୁଥିବା ଜମିରେ ପଟା ପ୍ରଦାନ କରିବା ପାଇଁ ଦାବି ହୋଇଛି। ଦାବି ପତ୍ର ପ୍ରଦାନ ସମୟରେ ଅଖିଳ ଭାରତ କିଷାନ ମଜଦୁର ସଭା ଜାତୀୟ ସମ୍ପାଦକ ଭାଲଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ସମ୍ପାଦକ ପ୍ରତାପ ନାୟକ, ଦିଗପହଣ୍ଡି ବ୍ଲକ ସଭାପତି ଲଡୁ କିଶୋର ଡାକୁଆ, ଆଇଏଫଟିୟୁ ସଭାପତି ପ୍ରତାପ ପ୍ରଧାନଙ୍କ ସମେତ ସୋମନାଥ ଗମାଙ୍ଗ, ଦଳପତି ଗମାଙ୍ଗ ଓ ବହୁ ଗ୍ରାମବାସୀ ଉପସ୍ଥିତ ଥିଲେ।

## ଗଞ୍ଜେଇ ଧରିଲା ଅବକାରୀ ଗୋଇନ୍ଦା ଟିମ୍

**ଫୁଲବାଣୀ ଅଫିସ, ୩।୪**

ବ୍ରହ୍ମପୁର ଅବକାରୀ ଗୁଇନ୍ଦା ଟିମ୍ କନ୍ଧମାଳ ଜିଲାକୁ ଆସି ବ୍ୟାପକ ପରିମାଣର ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ ଏକ ନୂଆ କାର ଜବତ ହୋଇଥିବା ବେଳେ ଦୁଇ ଜଣଙ୍କୁ ଗିରଫ କରାଯାଇଛି । ସେମାନେ ହେଲେ ବୌଦ୍ଧ ଜିଲା ପୁରୁଣାକଟକର ଆଲୋକ ଭୁକ୍ତା ଓ କୁଶ ବଗର୍ତ୍ତୀ । ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ପାଖରେ ଗଞ୍ଜେଇ ଚାଲାଣ ନେଇ ଖବର ପହଞ୍ଚିଥିଲା । ଇନ୍ସପେକ୍ଟର ଗୀତାଞ୍ଜଳୀ ସାହୁ ଏକ ଟିମ୍ ଧରି ଖଜୁରିପଡ଼ା ବ୍ଲକ ରାଣୀପଥର ଘାଟି ପାଖରେ ଜଗି ରହିଥିଲେ। ଏହି ସମୟରେ ଫୁଲବାଣୀ ପଟୁ କାର(ଓଡି ୦୨ ସିଜି ୮୫୫୬)ଟି ଆସୁଥିବା ଦେଖି କର୍ମଚାରୀମାନେ ଅଟକାଇ ଥିଲେ। ଯାଞ୍ଚ ବେଳେ ସେଥିରୁ ପାଖାପାଖି ୯୨ କେଜି ଗଞ୍ଜେଇ ମିଳିଥିଲା। ଏହା କନ୍ଧମାଳରୁ ଅନୁଗୋଳ ଚାଲାଣ କରାଯାଉଥିଲା ବୋଲି ଇନ୍ସପେକ୍ଟର ସାହୁ ସୂଚନା ଦେଇଛନ୍ତି।

## ଢୋଲ ମହୁରିରେ କମ୍ପୁଛି ସହର

**ଜି.ଉଦୟଗିରି,୩।୪(ଡି.ଏନ.ଏ.)**

ଜି.ଉଦୟଗିରି ସହରରେ ଶନିବାରଠାରୁ ଆରମ୍ଭ ହୋଇଛି ମା ରୁଦ୍ରକାଳୀ ଓ ଆନନ୍ଦେଶ୍ୱରଙ୍କ ୧୩ ଦିନିଆ ଦଣ୍ଡ ଯାତ୍ରା। ଜି.ଉଦୟଗିରି ସହର ହୋଇଛି ଉତ୍ସବ ମୁଖର। ଢୋଲ ମହୁରି ଶବ୍ଦରେ କମ୍ପୁଛି ସହର। ସାହି ସାହିରେ ଦଣ୍ଡ ଯାତ୍ରା କରିବାକୁ ଚାଲିଛି ପ୍ରସ୍ତୁତି। ଦଣ୍ଡ ଯାତ୍ରାର ଢୋଲ, ତୁରୀ, ବାଜା ସହିତ ଝୁଣାର ବାସ୍ନାରେ ସୃଷ୍ଟି ହୋଇଛି ଆଧାତ୍ମିକ ପରିବେଶ। ଦଣ୍ଡ ଯାତ୍ରା ପାଇଁ ସାତ୍ୱୀକ ଭୋଜନରେ ବଦଳିଛି ଜୀବନ ଶୈଳୀ। ଅପରାହ୍ନରେ ଧୂଳିଦଣ୍ଡରେ ବିଭିନ୍ନ ଦଣ୍ଡ ମାଧମରେ କିଭଳି ଠାକୁରଙ୍କ ସେବା କରିଥାନ୍ତି ତାହାକୁ ଦଣ୍ଡୁଆ ମାନଙ୍କ ସହିତ କଳାକାରଙ୍କ ନିଖୁଣ ଅଭିନୟ ଦେଖିବାକୁ ମିଳିଛି। ରାତିରେ ପାରମ୍ପରିକ ଦଣ୍ଡ ଚରିତ୍ର ସହିତ ବିଭିନ୍ନ ମନୋରଞ୍ଜନ କାର୍ଯ୍ୟକ୍ରମରେ ଦର୍ଶକଙ୍କ ସମାଗମ ହୋଇଛି। ଜି. ଉଦୟଗିରି ଦଣ୍ଡ ସହିତ ଆଖପାଖ ଅଞ୍ଚଳର ଦଣ୍ଡ ଯେପରିକି ରାଇକିଆ, ଖଲିବେରଣା ଆଦି ବିଭିନ୍ନ ଦଣ୍ଡ ବରଣ ରହିଥିବା ବେଳେ ୮ ତାରିଖରେ ପଞ୍ଚୁଦଣ୍ଡ ମିଳନ କାର୍ଯ୍ୟକ୍ରମ ରହିଛି। ଏହି ମିଳନ ଉତ୍ସବରେ ପ୍ରବଳ ଜନସମାଗମ ହେବାର ଲକ୍ଷ୍ୟ କରି ମହାଗୁଡ଼ା ସାହି ପରିଚାଳନା କମିଟି ତରଫରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ସଭାପତି ଭୀମସେନ ମହାରଣା କହିଛନ୍ତି। ସେହିଭଳି ଭାବେ ମେରୁ ଯାତ୍ରାରେ ପ୍ରବଳ ଶ୍ରଦ୍ଧାଳୁଙ୍କ ସମାଗମକୁ ଦୃଷ୍ଟିରେ ରଖି ମେରୁ ପଡିଆରେ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି ବୋଲି ଜି.ଉଦୟଗିରି ମା ରୁଦ୍ର କାଳୀ ଏବଂ ଆନନ୍ଦେଶ୍ୱର ମନ୍ଦିର ପରିଚାଳନା କମିଟି ଅଧିକାରୀ ଜବାହାରଲାଲ ପରିଛା କହିଛନ୍ତି। ସୋମବାର ଜି.ଉଦୟଗିରି ସହରରେ ଜି.ଉଦୟଗିରି ଓ ରାଇକିଆ ଦଣ୍ଡ ନୃତ୍ୟ ପରିବେଷଣ କରାଯାଇଥିଲା।

## ଦିଲୀପ ଓଡ଼ିଶା ଟିଡିସିସିଓଏଲ୍‌ର ରାଜ୍ୟସ୍ତରୀୟ ଉପାଧକ୍ଷ

**ଦାରିଙ୍ଗବାଡି,୩।୪(ଡି.ଏନ.ଏ)**

ରାଜ୍ୟରେ ଲଘୁ ବନଜାତ ସାମଗ୍ରୀର ସଂଗ୍ରହ ଓ ବିକ୍ରି ବ୍ୟବସ୍ଥା କରି ଆଦିବାସୀ ମାନଙ୍କ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗଠିତ ଆଦିବାସୀ ଉନ୍ନୟନ ସମବାୟ ନିଗମର ବିଭିନ୍ନ ପଦବି ପାଇଁ ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ଏଥିରେ କନ୍ଧମାଳର ଦିଲ୍ଲୀପ ପ୍ରଧାନ ରାଜ୍ୟ ଉପାଧକ୍ଷ ଭାବେ ନିର୍ବାଚିତ ହୋଇଛନ୍ତି। ନିଗମ ପକ୍ଷରୁ ଜାରୀ ବିଜ୍ଞପ୍ତି ପ୍ରକାରେ ଆଜି ବିଭିନ୍ନ ପଦବି ପାଇଁ ମତଦାନ ଅନୁଷ୍ଠିତ ହୋଇଥିଲା। ଦାରିଙ୍ଗବାଡି ବ୍ଲକ କିରିକୁଟି ପଞ୍ଚାୟତର ଦୁର୍ଗମ ଗ୍ରାମ କୁମ୍ଭାରମୁଣ୍ଡା ଅଞ୍ଚଳର ଦିଲୀପ ପୂର୍ବରୁ ୨୦୦୭ରୁ ୨୦୧୨ ପର୍ଯ୍ୟନ୍ତ ନିଜ ପଞ୍ଚାୟତ କିରିକୁଟିରେ ସମିତି ସଭ୍ୟ ଭାବେ କାର୍ଯ୍ୟ ସମ୍ପାଦନା କରିଛନ୍ତି। ସେହିପରି ପୂର୍ବରୁ ବିଜେଡିର ବ୍ଲକ ସଭାପତି ଓ ଏବେ ପୁଣି ବ୍ଲକ କାର୍ଯ୍ୟକାରୀ ସଭାପତି ଭାବେ ସେ ଦାୟିତ୍ୱରେ ରହିଛନ୍ତି। ଏଥିପାଇଁ ତାଙ୍କୁ ଜିଲା ବିଜେଡି ସଭାପତି ସରୋଜ କର୍ଣ୍ଣଙ୍କ ସମେତ ସ୍ଥାନୀୟ ବିଧାୟକ ସାଲୁଗା ପ୍ରଧାନ ପ୍ରମୁଖ ଶୁଭେଚ୍ଛା ଜଣାଇଛନ୍ତି। ସେହିପରି ନୂତନଭାବେ ଟିଡିସିସିଓଏଲର ଉପାଧକ୍ଷ ପଦବି ପାଇବା ପରେ ଦିଲୀପ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଧନ୍ୟବାଦ ଦେବାସହ ଏଥିପାଇଁ ସମବାୟ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ସାଲୁଗା ପ୍ରଧାନ, ଜିଲା ପର୍ଯ୍ୟବେକ୍ଷକ ବିଜୟ ନାୟକ, କୋରାପୁଟ ଜିଲା ସଭାପତି ତଥା ନିର୍ବାଚନ ପର୍ଯ୍ୟବେକ୍ଷକ ଈଶ୍ୱର ପାଣିଗ୍ରାହୀ ଓ ବାଲିଗୁଡା ବିଧାୟକ ଚକ୍ରମଣି କହଁରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ପ୍ରକାଶ ଯେ, ସୁନ୍ଦରଗଡଜିଲାର ଚମେଲୀ ଓରାମ ନିଗମର ଅଧକ୍ଷ ଭାବେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି।

## ଶାଗ ତୋଳିବା ବେଳେ ଖସି ପଡି ଜଣେ ମୃତ

**ବାଲିଗୁଡା,୩।୪(ଡି.ଏନ.ଏ.)**

ବାଲିଗୁଡା ଉପଖଣ୍ଡ ଅନ୍ତର୍ଗତ କୋଟଗଡ ଥାନା ଅଞ୍ଚଳରେ ବରଡ଼ା ଶାଗ ତୋଳିବା ବେଳେ ଗଛରୁ ଖସିପଡି ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଛି। ସେ ହେଲେ କୋଟଗଡ଼ ଥାନା ଅନ୍ତର୍ଗତ ସାର୍ଣ୍ଣୁଲ ପଞ୍ଚାୟତ ରଡା ଗ୍ରାମର ମାଧବ ମୁଠାମାଝୀ (୫୦)। ମାଧବ ସନ୍ଧ୍ୟାରେ ବରଡା ଶାଗ ତୋଳିବା ପାଇଁ ଗଛ ଉପରେ ଚଢ଼ିଥିଲେ। ଅସାବଧାନତାରୁ ସେ ପ୍ରାୟ ୨୫ ଫୁଟ ଉପରୁ ତଳକୁ ଖସି ପଡ଼ିଥିଲେ। ପରିବାର ଲୋକେ ତାଙ୍କୁ କୋଟଗଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରୁ ବାଲିଗୁଡ଼ା ଉପଖଣ୍ଡ ଚିକିତ୍ସାଳୟ ଓ ପରେ ଫୁଲବାଣୀ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ମାଧବଙ୍କର ମୃତ୍ୟୁ ଘଟିଛି। ଟାଉନ ଥାନାରେ ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

## ସିପିଆଇ ଭାରତୀୟ କ୍ଷେତ ମଜଦୁର ସଂଘର ଆନ୍ଦୋଳନ




ସିପିଆଇର ଭାରତୀୟ କ୍ଷେତ ମଜଦୁର ସଂଘ ସଦସ୍ୟମାନେ ଆନ୍ଦୋଳନ କରୁଛନ୍ତି।

**ପାରଳାଖେମଣ୍ଡି,୩।୪(ଡି.ଏନ୍.ଏ.)**

ପାରଳାଖେମୁଣ୍ଡିଠାରେ ସୋମବାର ୯ଦଫା ଦାବି ନେଇ ସିପିଆଇର ଭାରତୀୟ କ୍ଷେତ ମଜଦୁର ସଂଘ ତରଫରୁ ଆନ୍ଦୋଳନ କରାଯାଇଛି। ଦଳ ତରଫରୁ ଏକ ବିରାଟ ଶୋଭାଯାତ୍ରା ସ୍ଥାନୀୟ ରାଜାନହରଠାରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେମାନଙ୍କ ମୁଖ୍ୟ ଦାବି ହେଲା ଦରଦାମ ବୃଦ୍ଧି ନିୟନ୍ତ୍ରଣ କରିବା, ଘର ଡିଅ ପଟ୍ଟା ପ୍ରଦାନ, ଜଙ୍ଗଲ ଜମି ପଟ୍ଟା ପ୍ରଦାନ, ବେଆଇନ ଜମି ଜବରଦଖଲକାରୀଙ୍କୁ ଉଚ୍ଛେଦକରି ଆଦିବାସୀଙ୍କୁ ଜମି ପ୍ରଦାନ, ମହାତ୍ମା ଗାନ୍ଧୀ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନା(ଏମ୍‌ଜିଏନ୍‌ଆର୍‌ଇଜିଏସ୍)ରେ ମଜୁରିଆଙ୍କୁ ଦୈନିକ ୭୦୦ଟଙ୍କା ମଜୁରି ପ୍ରଦାନ, ଗୋଟିଏ ପରିବାରକୁ ୧୦ ଏକର ପରିମିତ ଜମି ପ୍ରଦାନ, ଆବାସ ଯୋଜନାରେ ହିତାଧିକାରୀ ଚୟନରେ ଅନିୟମିତତା ଆଦି ପ୍ରମୁଖ ଦାବି ସମ୍ବଳିତ ଏକ ଦାବିପତ୍ର ଜିଲାପାଳଙ୍କୁ ପ୍ରଦାନ କରିବା ସହ ଜିଲାପାଳଙ୍କ କାର୍ଯ୍ୟାଳୟ ଘେରାଉ କରିଥିଲେ। ଯଦି ୧୫ ଦିନ ମଧ୍ୟରେ ଦାବି ପୂରଣ ନ ହୁଏ ତେବେ ଏପ୍ରିଲ ୨୮ ଓ ୨୯ରେ ସିପିଆଇ ରାଜ୍ୟ ସମ୍ମିଳନୀ ପାରଳାଖେମୁଣ୍ଡିରେ ଅନୁଷ୍ଠିତ ହେବ। ସେଥିରେ ରାଜ୍ୟ ତଥା ରାଜ୍ୟ ବାହାରୁ ବହୁ ନେତା ଓ କର୍ମୀ ଯୋଗଦେବେ। ହଜାରରୁ ଅଧିକ ନେତା ଓ କର୍ମୀଙ୍କୁ ନେଇ ସିପିଆଇ ରାଜରାସ୍ତାକୁ ଓହ୍ଲାଇବ ସେଦିନ ଯେଉଁ ଆଇନ ଶୃଙ୍ଖଳା ପରିସ୍ଥିତି ଉପୁଜିବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି ଚେତାବନୀ ଦେଇଛନ୍ତି ସିପିଆଇ କ୍ଷେତ ମଜଦୁର ସଂଘ ରାଜ୍ୟ ସମ୍ପାଦକ ସୁର ଜେନା। ଦାବିପତ୍ର ପ୍ରଦାନ ସମୟରେ ଅନ୍ୟମାନଙ୍କ ମଧ୍ୟରେ ଜନା ସୁବାସ ଚନ୍ଦ୍ର ରାଓ, ଏମ୍ ଜଗନ୍ନାଥ ରାଓ ପ୍ରମୁଖ ଉପସ୍ଥିତ ଥିଲେ।

## ଜିଲାସ୍ତରୀୟ ପୋଷଣ ପଖୱାଡା କାର୍ଯ୍ୟକ୍ରମ ଉଦ୍‌ଯାପିତ

# ମା', ଶିଶୁଙ୍କ ପୋଷଣଯୁକ୍ତ ଖାଦ୍ୟ ଉପରେ ଗୁରୁତ୍ୱ

**ଛତ୍ରପୁର,୩।୪(ଡି.ଏନ୍.ଏ.)**

ଦେଶ ସୁଦୃଢ଼ ହେବା ଲାଗି ପୋଷଣର ଆବଶ୍ୟକତା ରହିଛି। ପୁଷ୍ଟିକର ସୁସ୍ଥତା ପାଇଁ ଶ୍ରୀ ଅନ୍ନ ବା ମିଲେଟ୍‌ର ଅଭିବୃଦ୍ଧି ଓ ଲୋକପ୍ରିୟତା ଜରୁରୀ ହୋଇପଡିଛି। ଗତ ମାର୍ଚ୍ଚ ୨୦ଠାରୁ ଗଞ୍ଜାମ ଜିଲାରେ ଆରମ୍ଭ ହୋଇଥିବା ପୋଷଣ ପଖୱାଡା(ପକ୍ଷ)କାର୍ଯ୍ୟକ୍ରମ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଜିଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ତତ୍ତ୍ୱାବଧାନରେ ଚାଲିଥିବା ଏହି କାର୍ଯ୍ୟକ୍ରମର ଶେଷ ପଦଯାତ୍ରା ଛତ୍ରପୁର ପବ୍ଲିକ୍ ସ୍କୁଲରୁ ଶୁଭାରମ୍ଭ ହୋଇ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥାଠାରେ ଶେଷ ହୋଇଥିଲା। ଜିଲାପାଳ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ପରେ ଜିଲା ଶିଶୁ ଓ ମହିଳା ସୁରକ୍ଷା ଅଧିକାରୀ ଶୁଭଶ୍ରୀ ପାତ୍ରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ସଭା ଜିଲା ପରିଷଦ ଋଷିକୁଲ୍ୟା ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଜିଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ ମୁଖ୍ୟ ଅତିଥି, ସମ୍ମାନିତ ଅତିଥି ଉପାଧ୍ୟକ୍ଷା ଏସ୍. ରାଜେଶ୍ୱରୀ ଦୋରା, ଅତିରିକ୍ତ ଜିଲାପାଳ ଲୀନା କୁମାରୀ ଖେସ୍ ଅନ୍ୟତମ ସମ୍ମାନିତ ଅତିଥି, ଜିଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ରବି ନାରାୟଣ ବେହେରା ଏବଂ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସୁବୋଧ କୁମାର ଷଡ଼ଙ୍ଗୀ ମଞ୍ଚାସୀନ ଥିଲେ। କୁପୋଷଣ ଶିକାରରୁ ବଞ୍ଚିତ ହେବା ଲାଗି ପୋଷଣ ପକ୍ଷ ପାଳନ ଦ୍ୱାରା ପୁଷ୍ଟିକର ଖାଦ୍ୟ ଖାଇବା ଦିଗରେ ସଚେତନ କରାଇବା ଏହି ପକ୍ଷ ପାଳନର ଉଦ୍ଦେଶ୍ୟ। ପୋଷଣଯୁକ୍ତ ଖାଦ୍ୟ କ'ଣ ଏବଂ ସେଗୁଡିକୁ କେମିତି ପ୍ରସ୍ତୁତ କରି ମା' ଓ ଶିଶୁମାନଙ୍କୁ ଦିଆଯିବା ଆବଶ୍ୟକ ସେ ସମ୍ପର୍କରେ ଅତିଥିମାନେ କହିଥିଲେ। ଏହି ଦିବସଟିକୁ ଉତ୍ସବ ଦିବସ ରୂପେ ପରିଗଣିତ ନ କରି ମା' ଓ ଶିଶୁମାନଙ୍କୁ କିପରି ପୁଷ୍ଟିକର ଖାଦ୍ୟ ଦିଆଯାଇପାରିବ ଓ ଜିଲାରୁ କୁପୋଷଣ ରୋକିବା ଦିଗରେ ପଦକ୍ଷେପ ନେବା ପାଇଁ ସିଡିପିଓ, ସୁପରଭାଇଜର, ସ୍ୱେଚ୍ଛାସେବୀ ଅନୁଷ୍ଠାନର ପ୍ରତିନିଧି, କିଶୋରୀ ବାଳିକା, ସ୍ୱୟଂ ସହାୟିକା ଗୋଷ୍ଠୀର ମା', ଭଉଣୀମାନଙ୍କୁ ବୁଝାଯାଇଥିଲା। ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଏବଂ ସମସ୍ତ ଶିଶୁ ଓ ମହିଳା ବିଭାଗର ସୁପରଭାଇଜର ମାନଙ୍କ ଦ୍ୱାରା ଆୟୋଜିତ ପ୍ରଦର୍ଶନୀକୁ ଅତିଥିମାନେ ଉଦ୍‌ଘାଟନ କରିଥିଲେ। ଏହି ପକ୍ଷ ପାଳନ ଅବସରରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ। ସହକାରୀ ଜିଲା ଶିଶୁ ଓ ମହିଳା ଉନ୍ନୟନ ଅଧିକାରୀ ସାଧନ ଚନ୍ଦ୍ର ଦାଶଙ୍କ ପରିଚାଳନାରେ ଆୟୋଜିତ କାର୍ଯ୍ୟକ୍ରମକୁ ବାଲ୍ୟବିବାହ ମୁକ୍ତ ଜିଲା ସଂଯୋଜକ ଦେବବ୍ରତ ମାହାନ୍ତ ସଞ୍ଚାଳନ କରିଥିଲେ। ମହିଳା ଓ ଶିଶୁ ସୁରକ୍ଷା ଅଧିକାରୀ ସଙ୍ଗୀତା ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ। ଆଇସିଡିଏସ୍ ସୁପରଭାଇଜର କବିତା ପଣ୍ଡା ସ୍ୱାଗତ ସଙ୍ଗୀତ ସହ କବିତା ଆବୃତ୍ତି କରିଥିଲେ।




କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନେ ପୁରସ୍କୃତ କରୁଛନ୍ତି।

## ଜିଲାପାଳଙ୍କ ମିଳିତ ଜନ ଅଭିଯୋଗ ଶୁଣାଣି

**ପାରଳାଖେମଣ୍ଡି,୩।୪(ଡି.ଏନ୍.ଏ.)**

ପାରଳାଖେମୁଣ୍ଡିସ୍ଥିତ ଜିଲାପାଳ ସମ୍ମିଳନୀ କକ୍ଷଠାରେ ଗ୍ରାମ୍ୟ ମୁଖୀ ପ୍ରଶାସନ ସହ ସଂଯୁକ୍ତ ଜନ ଅଭିଯୋଗ ଶୁଣାଣି ସୋମବାର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ଲିଙ୍ଗରାଜ ପଣ୍ଡା, ଆରକ୍ଷୀ ଅଧୀକ୍ଷକ ସ୍ୱାତୀ ଏସ୍.କୁମାର, ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ ଜିଲା ପରିଷଦ ରୋମାଞ୍ଚଳ ଖମାରୀ, ପାରଳାଖେମୁଣ୍ଡି ବନଖଣ୍ଡ ଅଧିକାରୀ ଏସ୍.ଆନନ୍ଦ ଓ ଜିଲା ପରିଷଦ ଅଧ୍ୟକ୍ଷ ଜି. ତିରୁପତି ରାଓ ଏହି ମିଳିତ ଜନ ଅଭିଯୋଗ ଶୁଣାଣିରେ ଯୋଗଦାନ କରି ଜିଲା ସଦର ମହକୁମା ସମେତ ପାରଳାଖେମୁଣ୍ଡି ପୌର ପରିଷଦ,ରାଣୀପେଣ୍ଟ, ପାଟିକୋଟା ଓ କେରାଣ୍ଡି ଗ୍ରାମପଞ୍ଚାୟତର ସମୁଦାୟ ୧୪୦ ଅଭିଯୋଗପତ୍ର ଗ୍ରହଣ କରାଯାଇଥିଲା। ଏଥିସହ ୩ ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୧୭,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଏହି ଅଭିଯୋଗ ଶୁଣାଣି ଶିବିରରେ ସାମାଜିକ ସୁରକ୍ଷା, ଜମିପଟ୍ଟା, ଜଳସେଚନ, ଗୃହ ନିର୍ମାଣ, ରାଶନ କାର୍ଡ, ଏମ୍‌ଜିଏନ୍‌ଆର୍‌ଇଜିଏସ୍, ଶିକ୍ଷା, ବ୍ୟାଙ୍କ ଋଣ ,ରାସ୍ତା ସମସ୍ୟା ଭଳି ବିଭିନ୍ନ ସମସ୍ୟା ନେଇ ଅଭିଯୋଗ ଆସିଥିଲା। ଅଭିଯୋଗ ଶୁଣାଣିରେ ଆବେଦନର ତୁରନ୍ତ ଫଇସଲା କରିବା ନିମନ୍ତେ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ ।

## ଜିଲାପାଳଙ୍କ ଉନ୍ନୟନ କାର୍ଯ୍ୟ ପରିଦର୍ଶନ



ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**ପାରଳାଖେମୁଣ୍ଡି,୩।୪(ଡି.ଏନ୍.ଏ.)**

ଗଜପତି ଜିଲାପାଳ ଲିଙ୍ଗରାଜ ପଣ୍ଡା ସୋମବାର ଗୋଷାଣୀ ବ୍ଲକ ଗସ୍ତ କରି ବିଭିନ୍ନ ୫ଟି ରୂପାନ୍ତରଣ ବିଦ୍ୟାଳୟର ଉନ୍ନୟନ କାର୍ଯ୍ୟର ପରିଦର୍ଶନ ଓ ନିରୀକ୍ଷଣ କରିଛନ୍ତି । ଜିଲାପାଳ ବ୍ଲକର ଲାବାଣ୍ୟଗଡ ହାଇସ୍କୁଲ, ଗୌଡତାଳସିଂ ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ, ତାଟିପାଟି ସ୍ଥିତ ସରକାରୀ ଉଚ୍ଚ ବିଦ୍ୟାଳୟ ଆଦି ପରିଦର୍ଶନ କରି ବିଦ୍ୟାଳୟ ଗୁଡିକରେ ଚାଲିଥିବା ସ୍ମାର୍ଟ ବୋର୍ଡ, ଇ-ଲାଇବ୍ରେରୀ, ବିଜ୍ଞାନଗାର, କମ୍ପ୍ୟୁଟର ଲ୍ୟାବ, ବିଶୁଦ୍ଧ ପାନୀୟ ଜଳ ବ୍ୟବସ୍ଥା, ଖେଳପଡିଆ, ବଗିଚା ଆଦି ନିର୍ମାଣ ତଥା ଉନ୍ନୟନ କାର୍ଯ୍ୟ ସମ୍ପର୍କେ ପଚାରି ବୁଝିଥିଲେ। ଚାଲୁ ରହିଥିବା ନିର୍ମାଣ ତଥା ଉନ୍ନୟନ କାମ ଗୁଡିକୁ ଶୀଘ୍ର ସମାପନ କରିବା ପାଇଁ ପରାମର୍ଶ ଦେଇଛନ୍ତି। ଜିଲାପାଳଙ୍କ ଏହି ପରିଦର୍ଶନ ସମୟରେ ଜିଲାପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରମାଞ୍ଚଳ ଖମାରୀ, ଗୋଷାଣୀ ବ୍ଲକ ଗୋଷ୍ଠୀ ଉନ୍ନୟନ ଅଧିକାରୀ ନୀଳମାଧବ ମାଝୀ ପ୍ରମୁଖଙ୍କ ସମେତ ବ୍ଲକର ବିଭିନ୍ନ ଯନ୍ତ୍ରୀ, ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଅନ୍ୟାନ୍ୟ ବ୍ଲକସ୍ତରୀୟ ଅଧିକାରୀମାନେ ଉପସ୍ଥିତ ରହି ଉନ୍ନୟନ କାର୍ଯ୍ୟର ବିଭିନ୍ନ ବିବରଣୀ ସମ୍ପର୍କରେ ଆଲୋଚନା କରିଥିଲେ ।

